## ସଂକ୍ଷେପରେ

### ସନ୍ଧ୍ୟାଙ୍କୁ ପୋଲିସ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା
### ଇଚ୍ଛାଶକ୍ତି ଥିଲେ ସଫଳତା ମିଳେ



ମାଲକାନଗିରି,୨୭।୧୨(ଡି.ଏନ.ଏ)- ମାଲକାନଗିରି ଜିଲା ପୋଲିସ ପକ୍ଷରୁ ମାଓବାଦୀ ଅଧ୍ୟୁଷିତ ସାଲିମି ଗ୍ରାମର ଆଦିବାସୀ ଛାତ୍ରୀ ତଥା ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସନ୍ଧ୍ୟା ସମରଥଙ୍କୁ ବୁଧବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏସ୍‌ପି ଜଗମୋହନ ମୀନା, ଡିଏସ୍‌ପି ଦିଲୀପ ଦାସ, ଥାନା ଭାରପ୍ରାପ୍ତ ନିରୀକ୍ଷକ ସୌମେନ୍ଦ୍ର ଶେଖର ତ୍ରିପାଠୀ, ସନ୍ଧ୍ୟାଙ୍କ ମାଆ ନୀଳାବତୀ ସମରଥ ଏବଂ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଇଚ୍ଛାଶକ୍ତି ଥିଲେ ସଫଳତା ମିଳେ। ଏହାକୁ ସନ୍ଧ୍ୟା ତାଙ୍କ ଜୀବନରେ ପ୍ରତିଫଳିତ କରିପାରିଛନ୍ତି। ତେଣୁ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ଉଦାହରଣ ବୋଲି ଏସ୍‌ପି କହିଛନ୍ତି। ମୋତେ ସୁଯୋଗ ମିଳିଲେ ଗରିବ ଲୋକଙ୍କୁ ସାହାଯ୍ୟ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବିକାଶ ପ୍ରତି ଧ୍ୟାନ ଦେବି ବୋଲି ସନ୍ଧ୍ୟା ସମ୍ବର୍ଦ୍ଧନାର ଉତ୍ତରରେ ପ୍ରକାଶ କରିଛନ୍ତି।

### ଅଗ୍ନିକାଣ୍ଡରେ ଘର ପୋଡ଼ିଗଲା



ମାଲକାନଗିରି,୨୭।୧୨ (ଡି.ଏନ୍.ଏ.) ମାଲକାନଗିରି ଜିଲା ସଦର ବ୍ଲକ ଗୋରାଖୁଣ୍ଟା ପଞ୍ଚାୟତ ସିଙ୍ଗାନିଗୁଡା ଗ୍ରାମରେ ଜଣେ ବୃଦ୍ଧାଙ୍କ ଘର ଗୁରୁବାର ଅଗ୍ନିକାଣ୍ଡରେ ପୋଡିଯାଇଛି। ସ୍ୱର୍ଗତ ମୁକା ମାଡକାମିଙ୍କ ସ୍ତ୍ରୀ ରାମେ ମାଡକାମି (୬୫)ଗୁରୁବାର ଧାନ କାଟିବା ପାଇଁ ଯାଇଥିଲେ। ଏହି ସମୟରେ କୌଣସି କାରଣରୁ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ଫଳରେ ଘରେ ଥିବା ସମସ୍ତ ସାମଗ୍ରୀ ସହ ୩ହଜାର ଟଙ୍କା ପୋଡିଯାଇଛି। ଆଭ୍ୟନ୍ତରୀଣ ଅଞ୍ଚଳ ହୋଇଥିବାରୁ ଦମକଳକୁ ଗ୍ରାମବାସୀ ଖବର ଦେଇ ପାରି ନ ଥିଲେ। ଘରପୋଡି ପରେ ରାମେ ଅସହାୟ ହୋଇପଡିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଏରା ପଡିଆମିଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

### ପୋଢ଼ ବେପାରୀଙ୍କୁ ମାଡ଼ ମାରି ୧୦ ଲକ୍ଷ ଲୁଟ୍

ବୁଗୁଡା,୨୭।୧୨(ଡି.ଏନ.ଏ.)- ଗଞ୍ଜାମ ଜିଲା ବୁଗୁଡା ଥାନା କରଚୁଲି ପଞ୍ଚାୟତ ଉଦୟପୁର ମୁଖ୍ୟସଡକରେ ଗୁରୁବାର ଅପରାହ୍ନରେ ଜଣେ ପୋଢ଼ ବେପାରୀଙ୍କୁ ମାଡ଼ମାରି ଦୁର୍ବୃତ୍ତମାନେ ୧୦ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଜରଡା ଥାନା ପାତ୍ରପୁର ଆମ୍ବଗାଁର ଜି. ବୈରାଗୀ।ପ୍ରକାଶ ଯେ, ପୋଢ ବେପାରୀ ବୈରାଗୀ କିଛିଦିନ ତଳେ ନୟାଗଡ ଥାନା ବଲଗାଁର ୧୦ ଜଣ ମାଲିକଙ୍କଠାରୁ ୩୦ଟି ପୋଢ଼ କିଣିଥିଲେ। ପୋଢ଼ କ୍ରୟ ବାବଦରେ ସେ ଗୁରୁବାର ଉକ୍ତ ମାଲିକମାନଙ୍କୁ ଟଙ୍କା ଦେବାକୁ ଫୋନରେ କଥା ହୋଇ ବାଇକରେ ୧୦ଲକ୍ଷ ଟଙ୍କା ଧରି ଘରୁ ବାହାରିଥିଲେ। ତେବେ ବୁଗୁଡା ଥାନା ଉଦୟପୁର ମୁଖ୍ୟ ସଡକ ଅନ୍ଧାରୀଶଙ୍ଖଠାରେ ବୈରାଗୀଙ୍କ ପଛରେ ଏକ ବାଇକରେ ଆସୁଥିବା ୩ ଜଣ ଦୁର୍ବୃତ୍ତ ତାଙ୍କୁ ହଠାତ୍ ଅଟକାଇ ମାରପିଟ କରିଥିଲେ।

## ପ୍ରେତାତ୍ମାକୁ ବିଶ୍ୱାସ
# ଯୁବକଙ୍କ ମୃତ୍ୟୁ ଘଟିଥିବା ଦୁର୍ଘଟଣାସ୍ଥଳରେ ପୂଜାର୍ଚ୍ଚନା

ମାଲକାନଗିରି,୨୭।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଅନ୍ଧବିଶ୍ୱାସ ଲୋକଙ୍କ ମନରୁ ଦୂର ହୋଇପାରିନି। ଏବେ ମଧ୍ୟ ଲୋକେ ପ୍ରେତାତ୍ମା ଉପରେ ବିଶ୍ୱାସ କରି ପୂଜାର୍ଚ୍ଚନା କରୁଛନ୍ତି। ଏପରି ଏକ ଘଟଣା ଶିଖପାଲି ଗ୍ରାମରେ ଗୁରୁବାର ଦେଖିବାକୁ ମିଳିଛି। ଗ୍ରାମର ଜଣେ ଯୁବକଙ୍କ ଗତ ସପ୍ତାହରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେ ମୃତ୍ୟୁବରଣ କରିଥିବା ସ୍ଥାନରେ ଶତାଧିକ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ।



ଗ୍ରାମବାସୀମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଦୁର୍ଘଟଣାସ୍ଥଳରେ ପୂଜାର୍ଚ୍ଚନା କରୁଛନ୍ତି।

ଖବରରୁ ଜଣାପଡିଛି ଗତ ଏକ ସପ୍ତାହ ତଳେ ଶିଖପାଲି ଗ୍ରାମର ନାକା କବାସୀଙ୍କ ପୁଅ ଇର୍ମା କବାସୀ (୩୦) ନିଜ ଗ୍ରାମଠାରୁ ୨୫ କିମି ଦୂର ଜଣେ ସମ୍ପର୍କୀୟଙ୍କ ଘରକୁ ମୋଟରସାଇକେଲରେ ଧାନ ଅମଳ କରିବା ପାଇଁ ଯାଉଥିଲେ। ନାମଗୁଡାଠାରୁ ମାଟାପାକା ଯିବା ଏକ ବୁଲାଣିଆ ଜଙ୍ଗଲ ରାସ୍ତାରେ ସେ ଯାଉଥିବା ବେଳେ ଭାରସାମ୍ୟ ହରାଇ କଲଭର୍ଟ ତଳକୁ ଛିଟିକି ପଡିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କର ଦଶାହ କାର୍ଯ୍ୟ ସମ୍ପନ୍ନ ପୂର୍ବରୁ ଦୁର୍ଘଟଣା ସ୍ଥାନରେ ମୃତ ଇର୍ମାଙ୍କ ପ୍ରେତାତ୍ମା ଥିବା ବିଶ୍ୱାସ କରି ପରିବାର ଲୋକଙ୍କ ସହ ଗ୍ରାମବାସୀ ଦୁର୍ଘଟଣା ସ୍ଥଳରେ ପ୍ରେତାତ୍ମାକୁ ଶାନ୍ତ କରିବା ଲାଗି ପୂଜାର୍ଚ୍ଚନା କରିଥିଲେ। ଦିଶାରୀ ଘଟଣା ସ୍ଥଳରେ ଧାନ, କଳସରେ ପାଣି, କୁକୁଡା, ଇର୍ମା ଖାଉଥିବା କିଛି ପସନ୍ଦର ଖାଦ୍ୟ ଏବଂ ପୂଜା ପାଇଁ ଏକ ବୋତଲ ମହୁଲି ମଦ ରଖି ପୂଜା କରାଯାଇଥିଲା। ପୂଜା ପରେ କଳସ ଭିତରେ ସେହି ସବୁ ପ୍ରସାଦ ପୂରାଇ ଇର୍ମାଙ୍କ ଆତ୍ମାକୁ ନେଇ ନିଜ ଗ୍ରାମ ଶିଖପାଲିରେ ରଖାଯାଇଥିଲା। ତାଙ୍କର ଦଶାହ ଦିନ ଏହି କଳସର ମୁହଁ ଖୋଲାଯିବ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଏହି କଳସରେ ପୂଜାର୍ଚ୍ଚନା ସାମଗ୍ରୀ ପୂରାଇ ଆମେ ଗ୍ରାମକୁ ଆଣି ନ ଥିଲେ ଆଗାମୀ ଦିନରେ ସେହି ସ୍ଥାନରେ ଅନେକ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି ବୋଲି ଗ୍ରାମବାସୀ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲିପିଲେ ପୋଛିଲେ ଘର ସୁନ୍ଦର**
**କହି ଜାଣିଲେ କଥା ସୁନ୍ଦର**
**ବାନ୍ଧି ଜାଣିଲେ ମଥା ସୁନ୍ଦର ।**

ଲିପାପୋଛା କଲେ ଘର ପରିଷ୍କାର ରହିବା ସହ ସୁନ୍ଦର ଲାଗିଥାଏ। କଥାକୁ ବନେଇ ଚୁନେଇ, ରସେଇ ମଜେଇ କହି ଜାଣିଲେ ଅକ୍ଳେଶରେ ଅନ୍ୟର ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟହାସଲ କରିବା ସହଜ ହୋଇଯାଇଥାଏ। ସେହିପରି ସୌନ୍ଦର୍ଯ୍ୟ ସଚେତନ ଥିବା ନାରୀ ତା'ର ମଥା କେଶଗୁଚ୍ଛକୁ ଅପୂର୍ବ ଶୈଳୀରେ ବନ୍ଧନ କରି ଅନ୍ୟକୁ ଆକୃଷ୍ଟ କରିବାର ସୂତ୍ର ଖଞ୍ଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶାଗ ଖରଡ଼ାକୁ ନାହିଁ ଲୁଣ**
**ପୁଅ ବସି ଲୋଡୁଥାଇ ତିନି ତୁଣ ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଲାଳସା ଭାବନା ଆଦୌ ଶୋଭାପାଇ ନ ଥାଏ। ଦିନକୁ ଦି' ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତିର ରୁଚିକର ତଥା ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଅହେତୁକ ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ ପବ୍ଲିଶର୍ସ

## ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣରେ ଗଲେ
# ୭୫ ଜନଜାତି ସମ୍ପ୍ରଦାୟର ଗାଁ ମୁଖିଆ, ପୂଜାରୀ



ଅତିଥିମାନେ ପତାକା ଦେଖାଇ ବସ୍ ଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

କାଳିମେଳା,୨୭।୧୨(ଡି.ଏନ.ଏ)

ମାଲକାନଗିର ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ପକ୍ଷରୁ ଜିଲାର କାଳିମେଳା ବ୍ଲକର ବିଭିନ୍ନ ପଞ୍ଚାୟତରରେ ବସବାସ କରୁଥିବା ଗାଁର ପେଦା, ପୁଜାରି, ୱାର୍ଡମେମ୍ବର ଓ ଦିଶାରୀମାନେ ମୋଟ ୭୫ ଜଣ ଗୁରୁବାର ଭୁବନେଶ୍ୱରର ବିଭିନ୍ନ ଦର୍ଶନୀୟ ସ୍ଥାନ ଖଣ୍ଡଗିରି,ନନ୍ଦନକାନନ, ପୁରୀ, କୋଣାର୍କ, ରାଜ୍ୟ ସଂଗ୍ରହାଳୟ ଏବଂ ଧଉଳି ଭ୍ରମଣ କରିବାକୁ ଯାତ୍ରା କରିଥିବା ଜଣାପଡିଛି। ମୋଟୁ, ପୁଶୁଗୁଡା,ତାଣ୍ଡବାଇ, ମାଲାଭରମ, ମହାରାଜପାଲି, ଲୁଗେଲ, ମାନ୍ୟମକୋଣ୍ଡା, ବଦଲି ମାନ୍ଦାପାଲି ଏବଂ ନାଲାଗୁଣ୍ଡି ପଞ୍ଚାୟତର ଏହି ବ୍ୟକ୍ତିମାନେ ସ୍ୱତନ୍ତ୍ର ବସ୍ ଯୋଗେ ଯାତ୍ରା କରିଛନ୍ତି। ଏହାକୁ ବ୍ଲକ ଅଧ୍ୟକ୍ଷ ମାଲା ମାଢୀ, ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, ସମିର ମିସ୍ତ୍ରି, ନାଲାଗୁଣ୍ଡି ସରପଞ୍ଚ ଇର୍ମା ମାଡକାମି ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଭରତ ଗୁରୁ ନେତୃତ୍ୱ ନେଇଛନ୍ତି।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

କାଲିମେଳା,୨୭।୧୨(ଡି.ଏନ.ଏ)

ମାଲକାନଗିରି ଜିଲା ସିମିଳିବାଞ୍ଚା ପଞ୍ଚାୟତ ଏମଭି-୬୧ନେତାଜୀ ମେମୋରିଆଲ ବିଦ୍ୟାଭବନ ଏମଭି-୬୧ ବିଦ୍ୟାଳୟରେ ଗତବର୍ଷର ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କମଳ ଲୋଚନ ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ହରେକୃଷ୍ଣ ସାହୁ, ହିନ୍ଦୀ ଶିକ୍ଷକ ବାସୁଦେବ ନାୟକ ଉପସ୍ଥିତ ଥିଲେ। ଉପସ୍ଥିତ ୨୧ ଜଣ ଛାତ୍ରୀଛାତ୍ର ନିଜ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏଥିରେ ଅଜୟ କୁମାର ରାୟ, ଲଙ୍କେଶ୍ୱର ରାୟ, ବିଶ୍ୱଜିତ ହାଲଦାର, ଅମିତ ମଣ୍ଡଳ, ବିଶ୍ୱଜିତ ମଣ୍ଡଳ, ରାହୁଲ ମଲ୍ଲିକ,ପବିତ୍ର ହାଲଦାର, ରାକ୍ଷୀ କିର୍ତନିଆ, ଚନ୍ଦନା ବିଶ୍ୱାସ ସହଯୋଗ କରିଥିଲେ।



## ଡିକି ଭାଙ୍ଗି ମୋବାଇଲ ଲୁଟ୍

ଗଞ୍ଜାମ,୨୭।୧୨(ଡି.ଏନ.ଏ.)- ଗଞ୍ଜାମ କଲେଜ ବାଇକଷ୍ଟାଣ୍ଡଠାରେ ଏକ ବାଇକର ଡିକି ଭାଙ୍ଗି ୨ଟି ଦାମୀ ମୋବାଇଲ କେହି ଦୁର୍ବୃତ୍ତ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ମାଳୀ ଜଗନ୍ନାଥପୁର ଗ୍ରାମର ଡି. ଶିବା ପାତ୍ର ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ର। ସେ କଲେଜ ପରିସର ଷ୍ଟାଣ୍ଡରେ ବାଇକ ରଖି କଲେଜକୁ କ୍ଲାସ ପାଇଁ ଯାଇଥିଲେ।

# ରାସ୍ତା କାମରେ ମେଟାଲ ବ୍ୟବହାର ନେଇ ପ୍ରଶ୍ନ ଉଠାଇଲେ ଗ୍ରାମବାସୀ

ଶିଖପାଲି, ୨୭।୧୨

ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା କାର୍ଯ୍ୟ ଚାଲିଛି। କେତେକ ରାସ୍ତାରେ ନିମ୍ନମାନର ମେଟାଲ ବ୍ୟବହାର ହେଉଥିବା ଅଭିଯୋଗ ଆସୁଛି। ମାଲକାନଗିରି କାଲିମେଳା ମୁଖ୍ୟରାସ୍ତାର ଶିଖପାଲି ଛକଠାରୁ ପଡିଆ ବ୍ଲକ ସଦର ପର୍ଯ୍ୟନ୍ତ ଚାଲିଥିବା ୨୮ କିମି ରାସ୍ତା ଦୀର୍ଘ ବର୍ଷ ହେଲା ହୋଇ ପାରୁ ନ ଥିବାରୁ ସେସବୁ ରାସ୍ତାରେ ଗାଡିମୋଟର ଯାତାୟାତ ବନ୍ଦ ରହିଛି। ଏହି ୨୮ କିମି ରାସ୍ତା କାମ ପାଇଁ ଅନେକ ଥର ଟେଣ୍ଡର ହୋଇଥିଲେ ମଧ୍ୟ ଘଞ୍ଚ ଜଙ୍ଗଲ ଅଞ୍ଚଳ ଯୋଗୁ ମାଓବାଦୀଙ୍କ ଭୟରେ କୌଣସି ଠିକାଦାର କାମ କରୁ ନ ଥିଲେ। ଶେଷରେ ଗ୍ରାମ୍ୟ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ଏହି ରାସ୍ତା କାର୍ଯ୍ୟ ପାଇଁ ଜଣୈକ ଠିକାଦାର ଟେଣ୍ଡର ପାଇ କାର୍ଯ୍ୟ କରୁଛନ୍ତି। ଶିଖପାଲି ଗ୍ରାମଠାରୁ ଏକ କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ପ୍ରଥମ ପର୍ଯ୍ୟାୟ ମେଟାଲ ଲାଲ ଏବଂ ନିମ୍ନମାନର ଧଳା ମେଟାଲ ବିଛା ଯାଇଛି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଠିକାଦାରଙ୍କ କର୍ମଚାରୀ କହିଛନ୍ତି ଯେ, ଏହି ଲାଲ ରଙ୍ଗର ମେଟାଲ ପୂର୍ବରୁ ପଡିଛି । ସେ ମେଟାଲ ସହିତ ଆମର କୌଣସି ସମ୍ପର୍କ ନାହିଁ। ଆମେ କ୍ରଶରରୁ ମେଟାଲ ଆଣି ଏହାର ଉପରେ ନିୟମ ଅନୁଯାୟୀ ପକାଇ ରାସ୍ତା କାମ କରୁଛୁ। ଏ ନେଇ ଜିଲା ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି ଯେ, ଏପରି ଅଭିଯୋଗ ମୋ ନିକଟରେ କେହି କରିନାହାନ୍ତି। ଯଦି ସ୍ଥାନୀୟ ଲୋକେ ଅଭିଯୋଗ କରନ୍ତି ତାହାର ତଦନ୍ତ କରା ଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବିଛା ଯାଇଥିବା ନିମ୍ନମାନର ମେଟାଲ ।

## ଆରମ୍ଭ ହେଲା ପାରଳା ନାଟ୍ୟ ମହୋତ୍ସବ
# ପ୍ରଥମ ସନ୍ଧ୍ୟାରେ ନାଟକ 'ମୃଗତୃଷ୍ଣା' ମଞ୍ଚସ୍ଥ

ପାରଳାଖେମୁଣ୍ଡି, ୨୭।୧୨(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ୭ମ ରାଜ୍ୟସ୍ତରୀୟ ପାରଳା ନାଟ୍ୟ ମହୋତ୍ସବ ଗୁରୁବାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଏସ୍‌ପି ଅମୂଲ୍ୟ କୁମାର ଦାସ, ପୂର୍ବତନ ବିଧାୟକ କେ. ନାରାୟଣ ରାଓ, ବିଜେଡିର ଯୁବ ସଭାପତି ପି.କ୍ରିଷ୍ଣା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲାର ଐତିହ୍ୟ, ସଂସ୍କୃତି ଏବଂ ବିଶେଷକରି ମଞ୍ଚ ନାଟକର ପୁନରୁଦ୍ଧାର ସହ ପ୍ରଚାର ପ୍ରସାର କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ କହିଛନ୍ତି। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଆୟୋଜକ ଦଳ କ୍ରିଏଟିଭ୍ ଆର୍ଟସ୍ କଳାକାରମାନେ 'ମୃଗତୃଷ୍ଣା' ନାଟକ ପରିବେଷଣ କରିଥିଲେ। ପ୍ରବଳ ଶୀତ ସତ୍ତ୍ୱେ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦର୍ଶକ ଯୋଗଦେଇ ନାଟକ ଉପଭୋଗ କରିଥିଲେ।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

## ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା
# ନିର୍ମାଣାଧୀନ ରାସ୍ତାରୁ ଉଠିଯାଉଛି ପିଚୁ



ରାସ୍ତାରୁ ଉଠିଯାଇଥିବା ପିଚୁକୁ ଲୋକମାନେ ଦେଖାଉଛନ୍ତି ।

ଖଇରପୁଟ, ୨୭।୧୨(ଡି.ଏନ.ଏ.)- ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେଲେ ଗ୍ରାମବାସୀ ଉନ୍ନତମାନର ରାସ୍ତା ସହ ଗମନାଗମନର ସୁବିଧା ଠିକ୍ ରୂପେ ପାଇପାରିବେ ବୋଲି ଆଶା କରିଥିଲେ। କେନ୍ଦ୍ର ସରକାର ମଧ୍ୟ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ମାଲକାନଗିରି ଜିଲାରେ ମାଓବାଦୀ ଆଳ ଦେଖାଇ ଠିକାଦାର ତାଙ୍କ ଇଚ୍ଛାରେ କାମ କରୁଛନ୍ତି ।ପିଚୁ ପକାଇବାର ଦିନେ ଦୁଇଦିନ ମଧ୍ୟରେ ରାସ୍ତାରୁ ପିଚୁ ଉଠିଯାଉଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଏହି ବ୍ଲକର ପୋତଗାଟାଠାରୁ ବାୟାଗୁଡା-ଟଙ୍କମୁଦେଇ ରାସ୍ତାକାମ ଚାଲିଛି। ଗତ ଦୁଇଦିନ ହେବ ଏହି ରାସ୍ତାରେ ପିଚୁ ପକାଯାଇଥିଲା। ଗୁରୁବାର ରାସ୍ତାରୁ ପିଚୁ ଉଠିଗଲାଣି। ଏ ନେଇ ଗ୍ରାମବାସୀ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ବ୍ରିଜ ଆଣ୍ଡ ରୋଡର ଅଧିକାରୀଙ୍କୁ ଅଭିଯୋଗ କରିବାରୁ ଆମେ ତ ଏହି ରାସ୍ତାର ମରାମତି ପାଇଁ ୫ବର୍ଷ ଗ୍ୟାରେଣ୍ଟି ନେଉଛି ବୋଲି କହିଥିଲେ। ବାୟାଗୁଡା ଗ୍ରାମର ହାତୀରାମ ଷଡଙ୍ଗୀ, ଧନ ଷଡଙ୍ଗୀ, ଲକ୍ଷ୍ମଣ ଷଡଙ୍ଗୀ କହିଛନ୍ତି ଯେ, ସଂପୃକ୍ତ ଠିକାଦାର ଯଦି ଭଲ ରାସ୍ତାକାମ ନ କରନ୍ତି ତା' ହେଲେ ଆଗାମୀ ଦିନରେ ଆମେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ।



କର୍ମୀ ସମ୍ମିଳନୀରେ ସାମିଲ ହୋଇଥିବା କର୍ମକର୍ତ୍ତା ଓ କର୍ମୀ ।

## ଖଇରପୁଟରେ ବିଜେଡି କର୍ମୀ ସମ୍ମିଳନୀ

ଖଇରପୁଟ/ଗୋବିନ୍ଦପାଲି, ୨୬।୧୨(ଡି.ଏନ୍.ଏ.)- ଖଇରପୁଟଠାରେ ଗୁରୁବାର ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା, ବାଲିମେଳା, କୋରକୋଣ୍ଡା, ଚିତ୍ରକୋଣ୍ଡା ଅଞ୍ଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ଚତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମେ ଖଇରପୁଟସ୍ଥିତ ମା' ଦାମଲଦେଈଙ୍କ ପୀଠରେ ପୂଜାର୍ଚ୍ଚନା ହୋଇ ପରେ ଏକ ଶୋଭାଯାତ୍ରା ବାହାରିଥିଲା । ଜିଲା ତଥା ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରୁ ବରିଷ୍ଠ କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇଥିଲେ। ୨୦୧୯ ନିର୍ବାଚନରେ ଦଳକୁ ବିଜୟୀ କରିବା ଲାଗି କର୍ମୀମାନେ ସଂକଳ୍ପ ନେଇଥିଲେ। ଏହି ଅବସରରେ ୨ଶହରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ୬ବର୍ଷ ହେଲାଣି ସରୁନି ଛାତ୍ରୀନିବାସ ନିର୍ମାଣ

## ଜବରଦଖଲକାରୀଙ୍କ କବ୍‌ଜାରେ ହଷ୍ଟେଲ କ୍ୟାମ୍ପସ

ପାରଳାଖେମୁଣ୍ଡି, ୨୭।୧୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ଜବରଦଖଲ ହଟେଇବାକୁ କଲେଜ କର୍ତ୍ତୃପକ୍ଷ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନଥିବା ସେମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ପ୍ରଶାସନ ଯଦି ଜବରଦଖଲକାରୀଙ୍କୁ ନ ହଟାଏ ତେବେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ମହାବିଦ୍ୟାଳୟର ପୂର୍ବପଟେ ଥିବା ଜାଗାରେ ପାରଳାଖେମୁଣ୍ଡି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅନୁସୂଚିତ ଜାତିର ଛାତ୍ରୀମାନଙ୍କ ପାଇଁ ଏକ ହଷ୍ଟେଲ ନିର୍ମାଣ କାର୍ଯ୍ୟ ୨୦୧୨ରେ ଆରମ୍ଭ କରିଥିଲା। ଛାତ୍ରୀ ନିବାସ କ୍ୟାମ୍ପସ୍ ପରିସରରେ କିଛି ବାହାର ଲୋକ ଘରଦ୍ୱାର କରି ମାଡିବସିଥିବାରୁ ଏହାର ନିର୍ମାଣ କାମ ଏଯାଏଁ ସରି ପାରୁନାହିଁ। ଛାତ୍ରୀ ନିବାସକୁ ରାସ୍ତା, ଡ୍ରେନ୍ ଓ ପାଚେରୀ ତିଆରି ହୋଇପାରୁ ନାହିଁ। ମହାବିଦ୍ୟାଳୟର କର୍ତ୍ତୃପକ୍ଷ ୨୦୧୨ରୁ ଏ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଗୁହାରି କରିଆସୁଥିଲେବି ତା'ର କୌଣସି ସୁଫଳ ମିଳୁନାହିଁ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ କହନ୍ତି ଯେ ବିଭିନ୍ନ ସମୟରେ ଜିଲାପାଳ, ତହସିଲଦାର, ପ୍ରକଳ୍ପ ପ୍ରଶାସକ, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ କେବଳ ଚିଠିରେ ହିଁ ସୀମିତ ହୋଇ ରହିଯାଇଛି। ଧିରେ ଧିରେ ଜବରଦଖଲକାରୀମାନେ ଅନ୍ୟ ଜାଗାଗୁଡିକୁ ମାଡି ବସୁଛନ୍ତି। ଫଳରେ ମହାବିଦ୍ୟାଳୟ ପରିସର ସଙ୍କୁଚିତ ହେବାରେ ଲାଗିଛି। ଶିକ୍ଷାନୁଷ୍ଠାନ ପ୍ରତି ପ୍ରଶାସନର ଏପରି ବୈମାତୃକ ମନୋଭାବ ପାଇଁ ପାରଳା ବୁଦ୍ଧିଜୀବୀ ଏବଂ ଛାତ୍ରୀଛାତ୍ର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଗ୍ରାମ ନିକଟ ଜଙ୍ଗଲରେ ବନ୍ୟପ୍ରାଣୀ ସୁରକ୍ଷା ଚିନ୍ତା
# ପର୍ବପର୍ବାଣି ପାଇଁ ହେବନି ଆଉ ପାରମ୍ପରିକ ଶିକାର

ମାଲକାନଗିରି,୨୭।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ସୀମାନ୍ତ ଛତିଶଗଡକୁ ଲାଗିଥିବା କଟାମାଟେରୁ, ମାଟାପାକା, କୋୟାଗିରି ଗ୍ରାମବାସୀ ସେମାନଙ୍କ ଗ୍ରାମ ନିକଟ ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି। ଗୁରୁବାର କଟାମାଟେରୁଠାରେ ଉପରୋକ୍ତ ୩ ଗ୍ରାମର ଗ୍ରାମବାସୀଙ୍କୁ ନେଇ ବନ୍ୟପ୍ରାଣୀ ସୁରକ୍ଷା ବୈଠକ ନାଏବ ସରପଞ୍ଚ ଲାସି ସୋଡିଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ବୈଠକରେ ମାଟାପାକା ସରପଞ୍ଚ ବିନାୟକ ମାଡକାମିଙ୍କ ସହ ସଂଜୟ ସୋଡି, କସା ସୋଡି, ରାଜା ମାଡି, ଗଙ୍ଗା ସୋଡି, ଜଗା ବେଟି, ଇର୍ମା ମାଡି, ସମରା ସୋଡି, ନାନ୍ଦା ମାଡକାମି, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଦୁର୍ଯ୍ୟୋଧନ ପାତ୍ର ଏବଂ ଗ୍ରାମ ମୁଖିଆମାନେ ଉପସ୍ଥିତ ରହି ନିଜ ଅଞ୍ଚଳର ଜଙ୍ଗଲରେ ଥିବା ବନ୍ୟପ୍ରାଣୀଙ୍କୁ ସୁରକ୍ଷା ନେଇ ଆଲୋଚନା କରିଥିଲେ। ସେମାନଙ୍କ ଅଞ୍ଚଳର ଜଙ୍ଗଲରେ ଅନେକ ବାରହା, କୁଟୁରା, ହରିଣ, ଝିଙ୍କ, ମୟୂର ଏବଂ ଅନେକ ପକ୍ଷୀ ରହୁଛନ୍ତି । ଏହି ପଶୁପକ୍ଷୀଙ୍କୁ ଯେପରି ବାହାରର କୌଣସି ଶିକାରୀ ନ ମାରନ୍ତି ସେଥିପାଇଁ ଗ୍ରାମବାସୀ ଧ୍ୟାନଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବନ୍ୟଜନ୍ତୁ ଥିବାରୁ ସେହି ସବୁ ଜଙ୍ଗଲର ବୃଦ୍ଧିଘଟିବା ସହ ଆଦିବାସୀଙ୍କ ଜୀବନଜୀବିକା ଏହି ଜଙ୍ଗଲ ଉପରେ ନିର୍ଭର କରୁଛି ବୋଲି ସରପଞ୍ଚ ବିନାୟକ କହିଥିଲେ। କୌଣସି ପର୍ବପର୍ବାଣି ଲାଗି ପାରମ୍ପରିକ ରୀତିରେ ଯେଉଁ ଶିକାର କରାଯାଉଥିଲା ତାହାକୁ ବନ୍ଦ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ ଯେ, କଟାମାଟେରୁ ଗ୍ରାମକୁ ଲାଗି ଯେଉଁ ସବୁ ଜଙ୍ଗଲ ଏବଂ ଆଦିବାସୀଙ୍କ ଚାଷଜମି ରହିଛି ସେହି ସବୁ ଅଞ୍ଚଳକୁ ରାଜ୍ୟ ସରକାର ଚୂନପଥର ଖଣି ପାଇଁ ଅନୁମତି ଦେଇଛନ୍ତି। ଏଥିଯୋଗୁ ସୃଷ୍ଟି ହେବାକୁ ଯାଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ସରକାରଙ୍କୁ ଲିଖିତ ଭାବେ ଜଣାଇବା ପରେ ବର୍ତ୍ତମାନ ପ୍ରସ୍ତାବିତ ଖଣି କାର୍ଯ୍ୟ ବନ୍ଦ ରହିଛି।



ବନ୍ୟପ୍ରାଣୀ ଶିକାର ନ କରିବା ପାଇଁ ଏକାଠି ହୋଇଥିବା ଗ୍ରାମବାସୀ ।



ବରଗଡ଼ର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।




ହାଟମୁନିଗୁଡା ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ।



ବର୍ଷାରେ ଛତା ଧରି ଅତିଥିମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖୁଛନ୍ତି।

# ଚଇତି ୨୦୧୮

## ରାୟଗଡ଼ାର ପରମ୍ପରା ରାଜ୍ୟରେ ଅନନ୍ୟ

**ରାୟଗଡା ଅଫିସ, ୨୭।୧୨**

ଗୁରୁବାର ଚଇତିର ଦ୍ୱିତୀୟ ସନ୍ଧ୍ୟାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ,ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାୟଗଡା ଜିଲାର କଳା,ସାହିତ୍ୟ,ପରମ୍ପରା ଓ ଐତିହ୍ୟ ରାଜ୍ୟରେ ଅନନ୍ୟ ଭାବେ ପରିଚିତ । ଏହା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ମଧ୍ୟ ନିଜର ସ୍ଥାନ ବଜାୟ ରଖିପାରିଛି। ବର୍ତ୍ତମାନ ବିଲୁପ୍ତ ହୋଇଆସୁଥିବା ଆଦିବାସୀଙ୍କ ପରମ୍ପରା ଓ ଦେବାଦେବୀ ମନ୍ଦିରଗୁଡିକର ପୁନରୁଦ୍ଧାର ପାଇଁ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଥିଲେ। ରାୟଗଡା ସହକାରୀ ଆୟୁକ୍ତ,କେନ୍ଦ୍ରୀୟ ପରୋକ୍ଷ କର ଓ ସୀମାଶୁଳ୍କ ବୋର୍ଡ ଅଧିକାରୀ ଶ୍ରୀଧର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ନାଟ୍ୟକାର ନରେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ କରିବା ସହ ଚଇତିର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ଜିଲାପାଳ ଗୁହା ପୁନମ ତାପସ କୁମାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଚଇତି ଏକ ପାରିବାରିକ ଉତ୍ସବ । ଏହାଦ୍ୱାରା ସମସ୍ତଙ୍କ ମଧ୍ୟରେ ଏକ ଭାଇଚାରା ସୃଷ୍ଟି ହୋଇଥାଏ । ସମସ୍ତ ବର୍ଗର ଲୋକମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଚଇତିର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ଏନ.ଭାସ୍କର ରାଓ, ବିଧାୟକ ଲାଲବିହାରୀ ହିମିରିକା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଜିଲା ସଂସ୍କୃତି ପରିଷଦ ସଂଯୋଜକ ଡଃ.ଦୁଷ୍ମନ୍ତ କୁମାର ମହାନ୍ତି,ସହ ସଂଯୋଜିକା ରିତା ମିଶ୍ରଙ୍କ ସମେତ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ । ରାୟଗଡା ପିଏ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ ଧନ୍ୟବାଦ ଦେଇଥିଲେ।

## ଡଙ୍ଗରିଆଙ୍କ ନୃତ୍ୟରେ ଦୁଲୁକିଲା ମଞ୍ଚ

**ରାୟଗଡା ଅଫିସ, ୨୭।୧୨**

ଗୁରୁବାର ଦ୍ୱିତୀୟ ଦିନରେ ଲୋକ ମହୋତ୍ସବ 'ଚଇତି'। ସନ୍ଧ୍ୟାରେ ମଞ୍ଚ ପୂଜନ କାର୍ଯ୍ୟକ୍ରମ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ତେବେ କାର୍ଯ୍ୟକ୍ରମର ଅଧାରେ ବାଧା ଉପୁଜାଇ ଥିଲା ଝିପିଝିପି ବର୍ଷା। କିନ୍ତୁ ଅତିଥିମାନେ ଛତା ଧରି ଦେଖିଥିଲେ ଚଇତିର କାର୍ଯ୍ୟକ୍ରମ। ବର୍ଷା ଛାଡ଼ିଯିବା ପରେ ଜୋର ଧରିଥିଲା କାର୍ଯ୍ୟକ୍ରମ। ରାୟଗଡାର ସ୍ଥାନୀୟ ଆଜାଦ ହିନ୍ଦ ୟୁଥ ଆସୋସିଏଶନ କଳାକାରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ,ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ଏଥିରେ ଦୁର୍ଗମ ନିୟମଗିରି ପାହାଡରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ କଳାକାରଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ମଞ୍ଚକୁ ଦୁଲୁକାଇଥିଲା। ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା,ଚାଟିକୋଣା ପକ୍ଷରୁ ଆୟୋଜିତ ଏହି ନୃତ୍ୟକୁ ବେଶ ଉପଭୋଗ କରି ଝୁମିଥିଲେ ହଜାର ହଜାର ଦର୍ଶକ। ଏଥିସହ ହାଟମୁନିଗୁଡା ଆଶ୍ରମ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆଦିବାସୀ ଲୋକନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ବରଗଡ ଜିଲା ସଂସ୍କୃତି ପରିଷଦଙ୍କ ଦ୍ୱାରା ସମ୍ବଲପୁରୀ, ସ୍ୱତନ୍ତ୍ର ବିକାଶ ପରିଷଦ, ଗୁଡ଼ାରୀର ଆଦିବାସୀ ସଉରା ନୃତ୍ୟ, ନୂଆଦିଲ୍ଲୀର ଅଶୋକ ଗୁପ୍ତଙ୍କ ଫାଗ , ଘୁମରା ନୃତ୍ୟ, ନୂପୁର କୋଲକୋତାର ମୟୁରୀ, ଲବଣୀ ଓ ଲେପଚା ନୃତ୍ୟ, ପାଲୁପାଇ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସରଗିଫୁଲ, ରାୟଗଡା-ଫ୍ୟୁଜନର ଶିବା ଡ୍ୟାନ୍ସ ଗ୍ରୁପ୍, ମୟୁରଭଂଜ ସାଂସ୍କୃତିକ ପରିଷଦର ଛଉ, ଉତ୍କଳ ଆଲୁମିନାର ଢେମସା, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗା,କଳାହାଣ୍ଡିର ଲୋକନୃତ୍ୟ, ସ୍ୱତନ୍ତ୍ର ବିକାଶ ପରିଷଦ ବିଷମକଟକ ପକ୍ଷରୁ ଡଙ୍ଗରିଆ କନ୍ଧ ନୃତ୍ୟ ଓ ଜଗନ୍ନାଥ କଳାବିକାଶ କେନ୍ଦ୍ର, ରାୟଗଡାର ବଙ୍ଗାଳୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।



ଡଙ୍ଗରିଆ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଜିଆଇଇଟିକୁ ବିଶ୍ୱବିଦ୍ୟାଳୟ ମାନ୍ୟତା

**ଗୁଣପୁର,୨୭।୧୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସ୍ୱୟଂଶାସିତ ଗାନ୍ଧୀ ଯାନ୍ତ୍ରିକ ବୈଷୟିକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଛି। ଏନେଇ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଗୁଣପୁରଠାରେ ୧୯୯୭ ସେପ୍ଟେମ୍ବର ୪ ତାରିଖରେ ଗୁଣପୁରଠାରେ ଜିଆଇଇଟି ଖୋଲିଥିଲା। ଏହାପରେ ୨୦୧୭ ଜୁନ ୮ ତାରିଖରେ ସ୍ୱୟଂଶାସିତର ମାନ୍ୟତା ମିଳିଥିଲା। ବୈଷୟିକ ମହାବିଦ୍ୟାଳୟ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢି ଚାଲିଥିବାରୁ ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି। ଗୁଣପୁର ଭଳି ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜିଆଇଇଟିକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଥିବାରୁ ରାଜ୍ୟସରକାରଙ୍କ ପକ୍ଷରୁ ରାଜ୍ୟସରକାରଙ୍କୁ ସାଧୁବାଦ ପ୍ରଦାନ କରାଯାଇଛି।

### ବନ୍ଧନ ବ୍ୟାଙ୍କ ଉଦ୍‌ଘାଟିତ

**ରାୟଗଡା ଅଫିସ୍, ୨୭।୧୨:** ସ୍ଥାନୀୟ ନ୍ୟୁକଲୋନୀଠାରେ ଗୁରୁବାର ବନ୍ଧନ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟର ୩୦ତମ ବ୍ୟାଙ୍କ ଭାବେ ରାୟଗଡା ଠାରେ ଏହା ସ୍ଥାପନ ହୋଇଛି। ରାୟଗଡା ଭଳି ଏକ ଆଦିବାସୀ ବହୁଳ ଜିଲାରେ ଏହି ବ୍ୟାଙ୍କ ଲୋକଙ୍କ ଉପକାରରେ ସହାୟକ ହେବ ବୋଲି ଜିଲାପାଳ କହିଛନ୍ତି। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଏହି ବ୍ୟାଙ୍କରେ ରହିଥିବା ସୂଚନା ଦିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ୟାଙ୍କ କ୍ଲଷ୍ଟର ମୁଖ୍ୟ ଅଶୋକ ସାହୁ, ଶାଖା ପ୍ରବନ୍ଧକ ସତ୍ୟେନ୍ଦ୍ର ନାୟକ, ବ୍ରହ୍ମପୁର ଶାଖା ମୁଖ୍ୟ ଜ୍ଞାନେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ କଲେ ମନ୍ତ୍ରୀ

**ରାୟଗଡା ଅଫିସ୍, ୨୭।୧୨**

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଗୁରୁବାର ଦିନିକିଆ ରାୟଗଡା ଜିଲା ଗସ୍ତରେ ଆସି ବିଭିନ୍ନ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ମନ୍ତ୍ରୀ ପ୍ରଥମେ ତାଡମାସ୍ଥିତ ଆଶ୍ରମ ବିଦ୍ୟାଳୟ ହଷ୍ଟେଲକୁ ଉଦ୍‌ଘାଟନ କରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ଛାତ୍ରୀଛାତ୍ରଙ୍କ ପାଇଁ ଏହା ନିର୍ମାଣ କରାଯାଇଛି। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ଟି ନୂତନ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ । ଉକ୍ତ ଆମ୍ବୁଲାନ୍ସ ଭାରତୀୟ ପାୱାର ଗ୍ରୀଡ ନିଗମ ପକ୍ଷରୁ ୨୭ଲକ୍ଷ ଟଙ୍କା ବ୍ୟୟରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରାଯାଇଛି । ସେହିଭଳି ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଠାରେ ହିତାଧିକାରୀଙ୍କୁ ମହୁଚାଷ ବାକ୍ସ, ଜଙ୍ଗଲ ଜମି ପଟ୍ଟା ଓ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ବଣ୍ଟନ କରିଥିଲେ । ସେହିଭଳି ଚଇତି କ୍ରୀଡା ଉତ୍ସବର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା, ଜିଲାପାଳ ଗୁହା ପୁନମ ତାପସ କୁମାର, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ, ସିଡିଏମ୍‌ଓ ଡାକ୍ତର ଶିବପ୍ରସାଦ ପାଢ଼ୀ ଉପସ୍ଥିତ ଥିଲେ।



ଅତିଥିମାନେ ଆମ୍ବୁଲାନ୍ସକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

■ ନୂଆବର୍ଷ ପାଇଁ ପିକ୍‌ନିକ୍

## କୋଲାବ ଡ୍ୟାମ୍‌ରେ ଭିଡ଼ ଜମେଇଲେଣି ପର୍ଯ୍ୟଟକ

**କୋଲାବନଗର,୨୭।୧୨(ଡି.ଏନ.ଏ)**

ପାଖେଇ ଆସିଲାଣି ଇଂରାଜୀ ନବବର୍ଷ। ପିକ୍‌ନିକ୍ ପାଇଁ କୋରାପୁଟ ଜିଲା ଅପରକୋଲାବ ଡ୍ୟାମ୍‌ରେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ଏଠାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସହିତ ସୀମାନ୍ତ ଆନ୍ଧ୍ର , ଛତିଶଗଡ଼ ରାଜ୍ୟରୁ ପର୍ଯ୍ୟଟକଙ୍କ ଗହଳି ଚହଳି ହେଲାଣି। ଏହାକୁ ଦେଖି ପର୍ଯ୍ୟଟନ ବିଭାଗ ସ୍ଥାନୀୟ କର୍ତ୍ତୃପକ୍ଷ ବ୍ୟାପକ ପ୍ରସ୍ତୁତି ମଧ୍ୟ କରିଛନ୍ତି। ଡ୍ୟାମ୍ ସ୍ଥଳରେ ଭୋଜିଭାତ କରି ବେଶ୍ ମଜା ଦେଉଛନ୍ତି ପର୍ଯ୍ୟଟକ। ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆ ବର୍ଷର ମଜା ନେବାକୁ ଏଠାକୁ ସାଙ୍ଗଙ୍କ ସହିତ ଆସିଥିବା ରାମ ଲାଲ ଶର୍ମା କହିଛନ୍ତି। ସୀମାନ୍ତ ଆନ୍ଧ୍ରର ଗୁଣ୍ଟୁର ଜିଲାରୁ ଆସିଥିବା ରାବଣା ରାଓ ଓ ସାଥି , ଉମରକୋଟର ବିମଳ, ଯୁଧିଷ୍ଠିର ଗୌଡ଼, ସିକନ୍ଦର ମାଝି, ନବରଙ୍ଗପୁରର ସଦାଶିବ ପ୍ରହରାଜ ପ୍ରମୁଖ ଏଠାରେ ନୂଆବର୍ଷ ମଜା ନେଇଥିବା କହିଛନ୍ତି। ଡ୍ୟାମ୍‌ର ନିମ୍ନ ଭାଗରେ ଥିବା ଶିଶୁ ଉଦ୍ୟାନ,ବିଜ୍ଞାନ ଉଦ୍ୟାନ, ଫଳପୁଷ୍ପ ଉଦ୍ୟାନରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ପର୍ଯ୍ୟଟକଙ୍କ ମନୋରଞ୍ଜନ ଏବଂ ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା କୋଲାବ ଡ୍ୟାମ୍ ଯନ୍ତ୍ରୀ ଜ୍ଞାନ କୁମାର ଭତରା କହିଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ପୋଲିସ ସଜାଗ ଥିବା ଏସ୍‌ଆଇ ପି.କେ. ମହାନ୍ତି ସୂଚନା ଦେଇଛନ୍ତି।

## ଆରମ୍ଭ ହେଲା ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

**ଗୁଣପୁର,୨୭।୧୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସହର ଆଦର୍ଶ ନଗରଠାରେ ଆନ୍ତଃ ରାଜ୍ୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଫବିସି ପକ୍ଷରୁ ଜେ.ବିଜୟଲକ୍ଷ୍ମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ ଆଇନଜୀବୀ ସୀମାଦ୍ରି ପ୍ରସାଦ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ଖେଳାଳି ସାମିଲ ହୋଇଛନ୍ତି। କନିଷ୍ଠ ଓ ବରିଷ୍ଠ ବର୍ଗରେ ଯଥାକ୍ରମେ ୧୬ ଓ ୩୨ଟି ଦଳ ଭାଗନେଇଛନ୍ତି। ସଭାପତି ବିଷ୍ଣୁ ପ୍ରସାଦ ପାଢୀ, ସମ୍ପାଦକ ଚନ୍ଦ୍ରଶେଖର ଧୂଳିଙ୍କ ସମେତ ଏଫବିସିର ଅନ୍ୟ ସଦସ୍ୟମାନେ ଖେଳ ପରିଚାଳନା କରିଥିଲେ। ଆସନ୍ତା ୩୦ରେ ସେମିଫାଇନାଲ ଓ ୩୧ରେ ଫାଇନାଲ ମ୍ୟାଚ ଖେଳାଯିବ। କୃଷ୍ଣ ସେନାପତି, ପ୍ରଦୀପ ମିଶ୍ର, ରବୀନ୍ଦ୍ର ପଣ୍ଡା ପ୍ରମୁଖ ରେଫରି ଦାୟିତ୍ୱ ତୁଲାଇଥିଲେ।



ଅତିଥି ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

## ନଦୀ ପାର ହୋଇ ଯା'ଆସ କରନ୍ତି ଲୋକେ

**ରାୟଗଡା ଅଫିସ,୨୭।୧୨**

ନାଗାବଳୀ ନଦୀ ଉପରେ ପୋଲଟିଏ ପାଇଁ ବାରମ୍ବାର ଅଭିଯୋଗ କରୁଛୁ। ଗୁହାରି କରି କରି ଥକି ପଡ଼ିଲୁଣି । ହେଲେ କେହି ଆମ କଥାକୁ ଶୁଣୁ ନାହାନ୍ତି। ବର୍ଷ ବର୍ଷ ଧରି ନଦୀ ପାର ହୋଇ ବିପଦସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛୁ । ରାସ୍ତାଟିଏ ନ ଥିବାରୁ ଗାଁର ବିକାଶ ହୋଇପାରୁନାହିଁ । କେତେ ଥର ପୋଲ ପାଇଁ ଦାବି କଲେ ପ୍ରଶାସନ ଆମ କଥାକୁ ଶୁଣିବେ, ଆଉ ଆମ ଦୁଃଖ ଦୂର ହେବ ବୋଲି କହିଛନ୍ତି ପୂଜାରୀବନ୍ଧୁ ଗ୍ରାମର ଉତରା ମାଣ୍ଡାଙ୍ଗି, ଗଜେନ୍ଦ୍ର ବିଡିକା,ଅଭି ବିଡିକା, କାମରାଜୁ ବିଡିକା, ଗୋବିନ୍ଦ ବିଡିକା । ପୁଣି ଏନେଇ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ରାୟଗଡା ଜିଲା ସଦର ବ୍ଲକର ବାଇସିଂ ପଞ୍ଚାୟତରେ ରହିଛି ପୂଜାରୀବନ୍ଧୁ ଗ୍ରାମ । ଗ୍ରାମରେ ରୁହନ୍ତି ୩୨ ପରିବାର। ଏହିଗ୍ରାମର ପାଖ ଗାଁ ଜଗାଗୁଡ଼ାରେ ୧୨ ପରିବାରର ମୋଟ ୩ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରିଥାନ୍ତି । ଏମାନଙ୍କର ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ରାସ୍ତା ଅଭାବରୁ ଗ୍ରାମରେ ବିଦ୍ୟାଳୟ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ର ନାହିଁ। ଫଳରେ ପିଲାମାନେ ପାଠପଢାରୁ ବଞ୍ଚିତ ହୋଇଥାନ୍ତି। ଗ୍ରାମକୁ ଯିବାକୁ ହେଲେ ୧୨ କି.ମି. ପାହାଡ଼ିଆ ରାସ୍ତା ଅତିକ୍ରମ କରିବା ସହ ନାଗାବଳୀ ନଦୀ ପାର ହୋଇ ୪ କି.ମି. ଗଲେ ଉକ୍ତ ଗାଁ ପଡିଥାଏ । ବିଶେଷ କରି ପ୍ରତ୍ୟେକ ମାସରେ ମିଳୁଥିବା ପିଡିଏସ ସାମଗ୍ରୀ ନଦୀପାର ହୋଇ ଆଣିବାକୁ ପଡିଥାଏ। ଗର୍ଭବତୀ ମହିଳା,ରୋଗୀ ଓ ବୃଦ୍ଧାବୃଦ୍ଧମାନଙ୍କୁ ନେବା ଆଣିବାରେ ଗ୍ରାମବାସୀ କାଠରେ ଭାର କରି ନଦୀ ପାର କରିଥାନ୍ତି। ବର୍ଷାଦିନେ ବିଚ୍ଛିନ୍ନାଞ୍ଚଳ ଭାବେ ଜୀବନ ଅତିବାହିତ କରିଥାନ୍ତି । ନାଗାବଳୀ ନଦୀରେ ପୋଲ ନିର୍ମାଣ ନେଇ ବାରମ୍ବାର ପ୍ରଶାସନଠାରୁ ଆରମ୍ଭ କରି ରାଜନୈତିକ ନେତାମାନଙ୍କଠାରେ ଗୁହାରି କଲେ ମଧ୍ୟ କେହି ଆମ କଥାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି ଗ୍ରାମବାସୀ । ତୁରନ୍ତ ଏକ ପୋଲ ନିର୍ମାଣ ନେଇ ଗ୍ରାମବାସୀ ଦାବି କରିଛନ୍ତି ।

### ଗ୍ରାମକୁ ନାହିଁ ରାସ୍ତା



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

